# Akashvani, Sambalpur

## SAMBALPURI NEWS EVENING BULLETIN

## 23 February 2026-7.02- 7.12 pm.

---

୧- ପଶ୍ଚିମ୍ ଓଡ଼ିଶା ନ ହାଇକୋର୍ଟର ସ୍ଥାୟୀ ବେଂଚ୍ ଥାପ୍ନା ପ୍ରସ୍ତାବ୍ ବାବ୍ଦେ ସର୍କାର୍ ବିଚାର୍ କରୁଛନ୍- କହେଲେ ମୁଖ୍ୟମନ୍ତ୍ରୀ ।

- ବିଧାନ୍ସଭା ନ ଆଏଜ୍ ଭିଲ୍ ବିରୋଧୀ ସଦସ୍ୟମାନ୍କର୍ କିର୍ଲାଗଗା ଜାରି ।

୨- ଭାରତ୍ ଟେକ୍ସି ଆଏବା ୨ ବଛର୍ ଭିତ୍ରେ ୧୫ କୋଟିନୁ ଅଏତ୍କା ଲୁକ୍କୁ ଜୁଡ଼୍ବା- କହେଲେ କେନ୍ଦ୍ର ସମବାୟ ମନ୍ତ୍ରୀ ।

୩- ଭୁବ୍ନେଶ୍ୱର୍ ଏମ୍ସ ନ ଯକୃତ୍ ପ୍ରତ୍ୟାରୋପଣ୍ କେନ୍ଦ୍ର ଆଉ ରୋବୋଟିକ୍ ଅସ୍ତ୍ରୋପଚାର୍ ବ୍ୟବସ୍ଥାର୍ ଶୁଭାରମ୍ଭ କଲେ କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ ।

ଆଉର୍

୪- ଦକ୍ଷିଣ ପଶ୍ଚିମ ବଙ୍ଗୋପ୍ ସାଗର୍ ନ ହେଇଥିବା ଲଘୁଚାପ୍ର ପ୍ରଭାବ୍ଥି ରାଜ୍ୟର୍ ଭିନ୍ ଭିନ୍ ଜାଗା ନ ହେଇଛେ ସାମାଏନ୍ ବର୍ଷା ।

ବିଧାନ୍‌ସଭା ଭୁବ୍‌ନେଶ୍ୱର୍ ସମ୍ବାଦଦାତା

ବିଧାନ୍‌ସଭା ବଜେଟ୍ ଅଧିବେଶନ୍‌ର ୬ ନମ୍ବର୍ ଦିନେ ଆଏଜ୍ ଭିଲ୍ ବିରୋଧୀ ସଦସ୍ୟମାନ୍‌କର୍ କିର୍ଲାଗଗା ଲାଗି ଗୃହ କାର୍ଯ୍ୟ ବାଧାପ୍ରାପ୍ତ ହେଇଥିଲା । ଆଏଜ୍ ସଖାଲ୍‌ବେଲା ପ୍ରଶ୍ନକାଳ ମୁଲ୍ ହେଉନ୍‌ସାର୍ ବିଜେଡ଼ି ଆର୍ କଂଗ୍ରେସ୍ ସଦସ୍ୟମାନେ ଗୃହ ମଝାକେ ଆସିକରି ହୋହଲ୍ଲା କରିଥିଲେ । ବାଚସ୍ପତି ସୁରମା ପାଢ଼ୀ ଶାନ୍ତିଶୃଙ୍ଖଳା ରକ୍ଷା କରିକରି ଗୃହ କାର୍ଯ୍ୟ ଠିକ୍ ଭାବେ ଚଲାବାର୍‌କେ ବିରୋଧୀମାନ୍‌କୁ ଅନୁରୋଧ୍ କରିଥିଲେ । ହେଲେ ବିରୋଧୀମାନ୍‌କର୍ ହୋହଲ୍ଲା ଲାଗି ପ୍ରଶ୍ନକାଳ ସମିଆଥି ମାତ୍ର ୭ ମିନିଟ୍ ଗୃହକାର୍ଯ୍ୟ ଚାଲିଥିଲା । ସାଢ଼େ ୧୧ ବଜେ ଶୂନ୍ୟକାଳ ମୂଲ୍ ହଉନ୍‌ସାର୍ ବିରୋଧୀମାନେ ଫେର୍ ଥରେ ହୋହଲ୍ଲା କରିଥିଲେ । ବାର୍‌ବାର୍ ହୋହଲ୍ଲା ଲାଗି ବାଚସ୍ପତି ସୁରମା ପାଢ଼ୀ ଉପର୍‌ବେଲା ୪ ବଜେତକ୍ ଗୃହକେ ମୁଲ୍‌ତବୀ ଘୋଷ୍‌ନା କରିଥିଲେ । ୪ ବଜେ ଗୃହକାର୍ଯ୍ୟ କିଛିମାତ୍ରାଥି ଚାଲିଥିଲା । ବିରୋଧୀଙ୍କର୍ ରଡ଼ାକିର୍ଲା ଭିତ୍‌ରେ ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀଙ୍କର୍ ତର୍‌ଫୁ ସଦସ୍ୟମାନ୍‌କର୍ ଭିନ୍ ଭିନ୍ ପ୍ରଶ୍ନର୍ ଲିଖିତ୍ ଉତର୍ ରଖାଯାଇଥିଲା ।

ବିଧାନ୍‌ସଭା-ମୁଖ୍ୟମନ୍ତ୍ରୀ ଭୁବ୍‌ନେଶ୍ୱର୍ ସମ୍ବାଦଦାତା

ପଶ୍ଚିମ ଓଡ଼ିଶା ନ ହାଇକୋର୍ଟର ସ୍ଥାୟୀ ବେଂଚ୍ ଥାପ୍‌ନା ପ୍ରସ୍ତାବ୍ ଉପ୍‌ରେ ସର୍‌କାର୍ ବିଚାର୍ କରୁଛନ୍ ବଲି ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ କହିଛନ୍ । ବିଧାନ୍‌ସଭା ନ ବିଧାୟକ୍ ରଣେନ୍ଦ୍ର ପ୍ରତାପ୍ ସ୍ୱାଇଁଙ୍କର୍ ଗୁଟେ ପ୍ରଶ୍ନର୍ ଲିଖିତ୍ ଉତର୍‌ଥି ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଓଡ଼ିଶା ହାଇକୋର୍ଟର ସ୍ଥାୟୀ ବେଂଚ୍ ପ୍ରସଙ୍ଗଥି ଜଷ୍ଟିସ୍ ଯଶୋବନ୍ତ ସିଂହ କମିଶନ୍‌ଙ୍କର୍ ରିପୋର୍ଟ ଅନ୍‌ସାରେ ସର୍‌କାର୍ ପଦକ୍ଷେପ୍ ନେବେ ବଲି କହିଛନ୍ ।

ରାଏଜେ ନକ୍ସଲ୍ ଥିତିଥି ସାମାଏନ୍ ଉନ୍ନତି ଆସିଛେ ବଲି ଆଉ ଗୁଟେ ପ୍ରଶ୍ନର୍ ଉତର୍‌ଥି ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଛନ୍ । ମୁଖ୍ୟମନ୍ତ୍ରୀ କହିଛନ୍, ରାଏଜେ ଇହାଦେ ୪୦ ଝନ୍ ମାଓବାଦୀ ସକ୍ରିୟ ଅଛନ୍ । ଗଲା ୫ ବଛର୍ ଭିତ୍‌ରେ ୪୮ ଝନ୍ ମାଓବାଦୀ ନିହତ୍ ହେଇଥିଲା ବେଲେ ୭୮ ଝନ୍‌କୁ ଗିରଫ୍ କରାଯାଇଛେ ଆଉ ୮୨ ଝନ୍ ଆତ୍ମସମର୍ପଣ୍ କରିଛନ୍ ବଲି ମୁଖ୍ୟମନ୍ତ୍ରୀ କହିଛନ୍ ।

ଆଉ ଗୁଟେ ପ୍ରଶ୍ନର୍ ଉତର୍‌ଥି ଶ୍ରୀ ମାଝୀ କହିଛନ୍, ରାଏଜେ ଗଲା ୫ ବଛର୍ ଭିତ୍‌ରେ ୩ ଶହ ୧୦ ଝନ୍ ସର୍‌କାରୀ ଅଧିକାରୀ ଆଉ କର୍ମଚାରୀଙ୍କୁ ଆୟ ବର୍ହିଭୁତ ସମ୍ପତି ଠୋଲ୍ ଆଉ ଆର୍ଥିକ୍

ଅନିୟମିତତା ମାମ୍‌ଲାଥି ଗିରଫ୍ କରାଯାଇଛେ। ୨୦୨୩ ମସିହା ଜାନୁଆରୀ ମାସ୍‌ନୁ ୨୦୨୫ ମସିହା ଭିତ୍‌ରେ ଭିଜିଲାନ୍ସ ବିଭାଗ୍ ତର୍‌ଫୁ ୬ ଶହ ୪୩ ଟା ଦୁର୍ନୀତି ମାମ୍‌ଲା ରୁଜୁ କରାଯାଇଛେ। ସେଥିର୍‌ଭିତ୍‌ରୁ ୩ ଶହ ୩୭ ଟା ମାମ୍‌ଲାଥି କାର୍ଯ୍ୟାନୁଷ୍ଠାନ୍ ନିଆଯାଇଛେ ବଲି ମୁଖ୍ୟମନ୍ତ୍ରୀ କହିଛନ୍।

ବିଧାନ୍‌ସଭା-ସ୍ୱାସ୍ଥ୍ୟମନ୍ତ୍ରୀ ଭୁବ୍‌ନେଶ୍ୱର୍ ସମ୍ବାଦଦାତା

ରାଜ୍ୟର୍ ଭିନ୍ ଭିନ୍ ଜାଗା ନ ବିକ୍ରି ହେଉଥିବା ଅପମିଶ୍ରିତ ଖାଦ୍ୟ ବାବ୍‌ଦେ ସର୍‌କାର୍ ସତର୍କ ଅଛନ୍ ବଲି ସ୍ୱାସ୍ଥ୍ୟ ଆଉ ପରିବାର୍ କଲ୍ୟାଣ୍ ମନ୍ତ୍ରୀ ଡକ୍ଟର୍ ମୁକେଶ୍ ମହାଲିଙ୍ଗ୍ ଆଏଜ୍ ବିଧାନ୍‌ସଭା ନ କହିଛନ୍। ମନ୍ତ୍ରୀ ଡକ୍ଟର୍ ମହାଲିଙ୍ଗ୍ କହିଛନ୍, ଖାଦ୍ୟଥି ଅପମିଶ୍ରଣ୍ ରୁକ୍‌ବାର୍ ଲାଗି ସବୁ ଜିଲ୍ଲା ଆଉ ପୌର ପରିଷଦ୍ ନ ଆୟୁକ୍ତ ମାନ୍‌କୁ ନିଯୁକ୍ତି ଦିଆଯାଇଛେ। ଖାଏବାର୍ ଦରବ୍ ବିକୁଥିବାର୍ ଲୁକ୍‌କୁ ଭିଲ୍ ଇ ବାବ୍‌ଦେ ସଚେତନ୍ କରାଯାଉଛେ। ଭିନ୍ ଭିନ୍ ସମିଆଥି ଖାଦ୍ୟର୍ ମାନ ଯାଂଚ୍ କରାଯାଉଛେ ବଲି ସ୍ୱାସ୍ଥ୍ୟମନ୍ତ୍ରୀ କହିଛନ୍। ରାଏଜେ ନକ୍‌ଲି

ପାଏନ୍ ବିକ୍ରି ବାବଦ୍ ଗୁଟେ ପ୍ରଶ୍ନର୍ ଉତର୍ଥି ସ୍ୱାସ୍ଥ୍ୟମନ୍ତ୍ରୀ କହିଛନ୍, ଇ ବଛର୍ ୨୯ ଟା ପାନିର୍ ନମୁନା ପରୀକ୍ଷା କରାଯାଇଥିଲା । ସେଥିର୍‌ଭିତ୍‌ରୁ ୮ଟା ନମୁନା ଶୁଦ୍ଧ ଥିଲା ବଲି ସ୍ୱାସ୍ଥ୍ୟମନ୍ତ୍ରୀ କହିଛନ୍ ।

ଶାହା -ଭାରତ୍ ଟେକ୍ସି ଆର୍‌ଏନ୍‌ୟୁ/ ସମ୍ବଲପୁର

ଭାରତ୍ ଟେକ୍ସି ଆଏବା ୨ ବଛର୍ ଭିତ୍‌ରେ ୧୫ କୋଟି ଲୁକ୍‌କୁ ସଂଯୋଗ୍ କର୍‌ବାର୍ ଲକ୍ଷ୍ୟ ରଖିଛେ ବଲି କେନ୍ଦ୍ର ସମବାୟ ମନ୍ତ୍ରୀ ଅମିତ୍ ଶାହା କହିଛନ୍ । ନୂଆଦିଲ୍ଲୀ ନ ଭାରତ୍ ଟେକ୍ସି ର ସାରଥୀ ଆଉ ଚାଲକ୍‌ମାନ୍‌କର୍ ସାଙ୍ଗେ ମତ ବିନିମୟ କରିକରି ଶ୍ରୀ ଶାହା କହିଛନ୍, ଭାରତ୍ ଟେକ୍ସି ସମବାୟ ଚାଲକ୍‌ମାନ୍‌କୁ ସେମାନ୍‌କର୍ କାମ୍ ଲାଗି ମାଲିକାନା ଦେଇକରି ସେମାନ୍‌କୁ ସଶକ୍ତ କରିଛେ । ଆଏବା ୩ ବଛର୍ ଭିତ୍‌ରେ ଭାରତ୍ ଟେକ୍ସି ଫିଂ' ନଗର୍ ନିଗମ୍ ନ ପୁହୁଁଚିବା । ସ୍ୱାଧୀନତାର୍ ୭୫ ବଛର୍ ଭିତ୍‌ରେ ୩୬ କୋଟି ୭୫ ଲାଖ୍ ସମବାୟ ସାଙ୍ଗେ ଜୁଡ଼ି ହେଇଛନ୍ । ଇ ପଦକ୍ଷେପ୍ ଲାଗି ଘରୋଇ ଟେକ୍ସି ସେବା କମ୍ପାନୀ ବାବଦ୍ ସମସ୍ୟାର୍ ସମାଧାନ୍

କରାଯିବାର୍ ଉପ୍‌ରେ ଦୃଷ୍ଟି ଦିଆଯିବା । ଇଟା ଟେକ୍ସି ଚାଲକ୍‌ମାନ୍‌କର୍ କଲ୍ୟାଣ୍ ଆଉ ଯାତ୍ରୀମାନ୍‌କର୍ ସୁରକ୍ଷା ଲାଗି ଗୁଟେ ଉପଯୁକ୍ତ ମଂଚ୍ ହେବା ବଲି ଶ୍ରୀ ଶାହା କହିଛନ୍ ।
(ଭଏସ୍ ଓଭର୍- ଅମିତ୍ ଶାହା)

ରାଜେନ୍ଦ୍ର ନାରାୟଣ୍ ସିଂହଦେଓ ଶ୍ରାଦ୍ଧବାର୍ଷିକୀ/ଆର୍‌ଏନ୍‌ୟୁ/ ସମ୍ବଲପୁର

ଓଡ଼ିଶାର୍ ଆଘର୍ ମୁଖ୍ୟମନ୍ତ୍ରୀ ରାଜେନ୍ଦ୍ର ନାରାୟଣ୍ ସିଂହଦେଓଙ୍କର୍ ଶ୍ରାଦ୍ଧବାର୍ଷିକୀ ଅବ୍‌ସରେ ଆଏଜ୍ ତାଙ୍କୁ ଶ୍ରଦ୍ଧାଞ୍ଜଳି ଦିଆଯାଇଛେ । ଭୁବ୍‌ନେଶ୍ୱର୍ ୧୨୦ ବାଟାଲିୟନ୍ ଛକ୍ ନ ଥିବା ସ୍ୱର୍ଗତ ସିଂହଦେଓଙ୍କର୍ ପ୍ରତିମୂର୍ତ୍ତିଥି ଆଏଜ୍ ବାଚସ୍ପତି ସୁରମା ପାଢ଼ୀ, ଉପବାଚସ୍ପତି ଭବାନୀ ଶଙ୍କର୍ ଭୋଇଙ୍କର୍ ସହେତେ ଉପମୁଖ୍ୟମନ୍ତ୍ରୀ କନକ୍ ବର୍ଦ୍ଧନ୍ ସିଂହଦେଓ ପ୍ରମୁଖ ଫୁଲ୍‌ମାଲା ଦେଇକରି ଶ୍ରଦ୍ଧାଞ୍ଜଳି ଜନେଇଥିଲେ ।

ଏମ୍ବ- ଜେ.ପି. ନଡ୍ଡା      ପି.ଆଇ.ବି.

କେନ୍ଦ୍ର ସ୍ୱାସ୍ଥ୍ୟ ଆଉ ପରିବାର୍ କଲ୍ୟାଣ୍ ମନ୍ତ୍ରୀ ଜଗତ୍ ପ୍ରକାଶ୍ ନଡ୍ଡା ଆଏଜ୍ ଭୁବ୍‌ନେଶ୍ୱର୍ ଏମ୍ସ ନ ଯକୃତ ପ୍ରତ୍ୟାରୋପଣ କେନ୍ଦ୍ର ଆଉ ରୋବୋଟିକ୍ ଅସ୍ତ୍ରୋପଚାର୍ ବ୍ୟବସ୍ଥାର୍ ଆଭାସୀ ଜରିଏ ଶୁଭାରମ୍ଭ କରିଛନ୍ । ରୋବୋଟିକ୍ ଅସ୍ତ୍ରୋପଚାର୍ ବ୍ୟବସ୍ଥା ପ୍ରଚଲନ୍ କର୍‌ବାର୍‌ଥି ଭୁବ୍‌ନେଶ୍ୱର୍ ଏମ୍ସ ଓଡ଼ିଶା ସହେତେ ପୂର୍ବ ଭାରତ୍‌ର ପହେଲା ସର୍‌କାରୀ ପ୍ରତିଷ୍ଠାନ୍ ହେଇଛେ । ଅତ୍ୟାଧୁନିକ୍ ସୁବିଧା ସହେତେ ଯକୃତ ପ୍ରତିରୋପଣ୍ ବ୍ୟବସ୍ଥା ପ୍ରଧାନ୍‌ମନ୍ତ୍ରୀଙ୍କର୍ ଅଙ୍ଗଦାନ୍ ଅଭିଯାନ୍‌କେ ତହଁକାବା ବଲି ଆଶ୍ କରାଯାଉଛେ । ଭୁବ୍‌ନେଶ୍ୱର୍ ଏମ୍ସ ନ ଇ ଦୁହି ବ୍ୟବସ୍ଥାର୍ ପ୍ରଚଲନ୍ ପୂର୍ବ ଭାରତ୍ ନ ସ୍ୱାସ୍ଥ୍ୟ ସେବାକେ ଆହୁରି ବର୍‌କସ୍ କର୍‌ବାର୍ ଦିଗେ ଗୁଟେ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ୍ ଭାବେ ଦେଖାଯାଉଛେ ।

ଅଧିକାରୀ ସମ୍ପତି ତାଲିକା ହି.ସ.

ଗ୍ରୁପ୍ - ଏ ନୁ ଗ୍ରୁପ୍ - ଡି ତକ୍ ସବୁ କର୍ମଚାରୀ ନିଜର୍ ସମ୍ପତି ତାଲିକା ମାର୍ଚ୍ଚ ୩୧ ତାରିଖ୍‌ତକ୍ ଦାଖଲ୍ କର୍‌ବାର୍‌କେ ସାଧାରଣ

ପ୍ରଶାସନ୍ ବିଭାଗ୍ ତର୍ଫୁ ନିର୍ଦ୍ଦେଶ୍ ଦିଆଯାଇଛେ । ଇ ବାବ୍ଦେ ବିଭାଗ୍ ତର୍ଫୁ ସବୁ ସର୍କାରୀ ବିଭାଗ୍, ଆର୍‌ଡିସି ଆଉ ଜିଲ୍ଲାପାଲ୍‌ମାନ୍‌କୁ ଚିଠି କରାଯାଇଛେ । ଅଧିକାରୀମାନେ ଏଚ୍‌ଆର୍‌ଏମ୍‌ଏସ୍ ପୋର୍ଟାଲ୍‌ଥି ନିଜର୍ ସ୍ଥାବର୍ ଆଉ ଅସ୍ଥାବର୍ ସମ୍ପତି ବାବଦ୍ ତଥ୍ୟ ଅପ୍‌ଲୋଡ୍ କର୍‌ବାର୍‌କେ କୁହାଯାଇଛେ । ଇ ସମିଆ ଭିତ୍‌ରେ ଅଧିକାରୀମାନେ ସମ୍ପତି ତାଲିକା ଦାଖଲ୍ ନାଇଁ କଲେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ୍‌ର ସମ୍ମୁଖୀନ୍ ହେବେ ବଲି ଚିଠିଥି ଉଲ୍ଲେଖ କରାଯାଇଛେ ।

ଅଭିଯୋଗ୍ ଶୁଣାଣି ଶିବିର/ ସୁବର୍ଣ୍ଣପୁର୍/ ବୌଦ୍ଧ/ ଦେବ୍‌ଗଡ୍/ ନୂଆପଡ଼ା

ପଶ୍ଚିମ ଓଡ଼ିଶାର୍ ଭିନ୍ ଭିନ୍ ଜିଲ୍ଲା ନ ଜିଲ୍ଲାପାଲ୍ ଆଉ ଆରକ୍ଷୀ ଅଧିକ୍ଷକ୍ ମାନକର୍ ଯୁଗ୍ମ ଜନଶୁଣାଣି ଶିବିର ଆଏଜ୍ ହେଇଯାଇଛେ ।

ସୁବର୍ଣ୍ଣପୁର୍ ଜିଲ୍ଲା ଡୁଙ୍ଗୁରିପାଲି ବ୍ଲକ୍ କର୍ଲାଜୋରି ପଂଚାୟତ୍ ନ ହେଇଥିବା ଶୁଣାଣି ଶିବିର୍‌ଥି ଶହେ ୧୬ ଟା ଅଭିଯୋଗ୍

ଆସିଥିଲା । ସେଥିର୍ ଭିତ୍ରୁ ୨ ଟା ଅଭିଯୋଗ୍ର ତୁର୍ତି ସମାଧାନ୍ ହେଇଥିଲା । ଇ ଅବ୍ସରେ ଜିଲ୍ଲାପାଲ୍ ୨ ଝନ୍ ଦିବ୍ୟାଙ୍ଗ ହିତାଧିକାରୀଙ୍କୁ ହ୍ୱିଲ୍ ଚେୟାର୍ ଦେବାର୍ ସହେତେ ପଂଚାୟତ୍ ପରିସର୍ ନ ନୂଆଁ ପାଠାଗାର୍କେ ଉଦ୍ଘାଟନ୍ କରିଛନ୍ ।

ବୌଦ୍ଧ ଜିଲ୍ଲା ସଦର୍ ବ୍ଲକ୍ କସୁରବନ୍ଧ ପଂଚାୟତ୍ ନ ହେଇଥିବା ଜନଶୁଣାଣି ଶିବିରଥି ୪୫ ଟା ଅଭିଯୋଗ୍ ଆସିଥିବାର୍ ବେଲେ ୧୧ ଟାର୍ ତୁର୍ତି ସମାଧାନ୍ କରାଯାଇଛେ ।

ଦେବ୍ଗଡ଼୍ ଜିଲ୍ଲା ବାର୍କୋଟ୍ ବ୍ଲକ୍ ବଲଣ୍ଡା ପଂଚାୟତ୍ ନ ହେଇଥିବା ଶିବିର୍ଥି ୧୪ ଟା ଅଭିଯୋଗ୍ ଆସିଥିଲା ।

ନୂଆପଡ଼ା ଜିଲ୍ଲା ବୋଡ଼େନ୍ ବ୍ଲକ୍ ପରିସର୍ ନ ହେଇଥିବା ଜନଶୁଣାଣି ଶିବିର୍ଥି ୩୫ ଟା ଅଭିଯୋଗ୍ ଆସିଥିଲା ।

ଶିବିର୍ ମାନ୍କେ ଜିଲ୍ଲାପାଲ୍ ଆର୍ ଆରକ୍ଷୀ ଅଧିକ୍ଷକ ମାନେ ଅଭିଯୋଗ୍ ମାନ୍କୁ ଗ୍ରହଣ୍ କରିକରି ତୁର୍ତି ସମାଧାନ୍ କର୍ବାର୍କେ ବିଭାଗୀୟ ଅଧିକାରୀମାନ୍କୁ ନିର୍ଦ୍ଦେଶ୍ ଦେଇଛନ୍ ।

ରାଷ୍ଟ୍ରୀୟ ଲୋକଅଦାଲତ         ବର୍ଗଡ଼୍ ସମ୍ବାଦଦାତା

ବର୍‌ଗଡ଼୍ ଜିଲ୍ଲା ନ ଆଏବା ମାସ ୧୪ ତାରିଖ୍ ଦିନ ରାଷ୍ଟ୍ରୀୟ ଲୋକଅଦାଲତ୍ ହେବା । ବର୍‌ଗଡ଼୍ କୋର୍ଟ ସହେତେ ପଦମ୍‌ପୁର୍, ସୋହେଲା, ବର୍‌ପାଲି, ଭେଡ଼େନ୍, ଅତାବିରା ଆଉ ବିଜେପୁର୍ କୋର୍ଟ ପରିସର୍ ନ ଲୋକ୍‌ଅଦାଲତ୍‌ର ଆୟୋଜନ୍ କରାଯିବା ବଲି ଜିଲ୍ଲା ଆଇନ୍‌ସେବା ପ୍ରାଧିକରଣ୍ ତର୍‌ଫୁ ସୂଚ୍‌ନା ଦିଆଯାଇଛେ । ଇ ଲୋକ୍‌ଅଦାଲତ୍‌ଥି ଗରିବ୍ ଲୁକ୍‌କର୍ ଭିନ୍ ଭିନ୍ ମାମ୍‌ଲାର୍ ମାହାଲିଆ ଶୁଣାଣି କରାଯିବା । ଇଥି ସାମିଲ୍ ହେବାର୍‌କେ ପଞ୍ଜିକରଣ୍ କର୍‌ବାର୍ ଲାଗି ଜିଲ୍ଲାବାସୀଙ୍କୁ ପ୍ରାଧିକରଣ୍ ତର୍‌ଫୁ କୁହାଯାଇଛେ ।

ଆଇନ୍ ସଚେତନତା କାର୍ଯ୍ୟକ୍ରମ ନୂଆପଡ଼ା ସମ୍ବାଦଦାତା

ନୂଆପଡ଼ା ଜିଲ୍ଲା ଆଇନ୍‌ସେବା ପ୍ରାଧିକରଣ୍ ତର୍‌ଫୁ ସମର୍‌ସିଂହ ପଂଚାୟତ୍ ନ ଗୁଟେ ଆଇନ୍ ସଚେତନତା କାର୍ଯ୍ୟକ୍ରମ୍ ହେଇଯାଇଛେ । ଇ ଅବ୍‌ସରେ ଜିଲ୍ଲା ଆଇନ୍‌ସେବା ପ୍ରାଧିକରଣ୍‌ର ସଚିବ ନବନୀତା ଦାସ ଉପସ୍ଥିତ୍ ରହିକରି ସର୍‌କାର୍‌ଙ୍କର୍ ଭିନ୍ ଭିନ୍ ଯୋଜ୍‌ନା ଆଉ ଆଇନ୍ ସେବା

କେନ୍ତାକରି ଲୁକ୍‌କର୍ ପାଖ୍‌କେ ପୁହୁଁଚିପାର୍‌ବା ସେ ବାବ୍‌ଦେ ବୁଝେଇଥିଲେ । ସର୍‌କାରୀ ଯୋଜ୍‌ନାନୁ ବଂଚିତ୍ ଲୁକ୍‌କୁ ଜିଲ୍ଲା ଆଇନ୍‌ସେବା ପ୍ରାଧିକରଣ୍ ତର୍‌ଫୁ ଦିଆଯାଉଥିବା ଆଇନ୍ ସାହାଜ୍ ବାବ୍‌ଦେ ସଚେତନ୍ କରିଥିଲେ । ଇ ଅବ୍‌ସରେ ଗୁଟେ ସଫେଇ କାର୍ଯ୍ୟକ୍ରମ୍‌ର ଭିଲ୍ ଆୟୋଜନ୍ କରାଯାଇଥିଲା ।

## ଜଙ୍ଗଲ୍ ଜମି ଅଧିକାର୍ ନୂଆପଡ଼ା ସମ୍ବାଦଦାତା

ନୂଆପଡ଼ା ଜିଲ୍ଲା ବୋଡ଼େନ୍ ବ୍ଲକ୍ ସମ୍ମିଲନୀ କକ୍ଷ ନ ଆଏଜ୍ ଜଙ୍ଗଲ୍ ଅଧିକାର୍ ଆଇନ୍ ଅନ୍‌ସାରେ ୧୧ ଝନ୍ ବନବାସୀଙ୍କୁ ବ୍ୟକ୍ତଗତ ଜଙ୍ଗଲ ଅଧିକାର୍ ସ୍ୱୀକୃତି ସିରୋନାମା ବଂଟାଯାଇଛେ । ହିତାଧିକାରୀମାନେ ସାଲେପଡ଼ା ଆଉ ସୁକ୍‌ଲିଭଟା ଗାଁର୍ ବଲି ଜନାପଡ଼ିଛେ । ଇ ଖେପ୍‌ଥି ବ୍ଲକ୍ ନ ୧୭ ଟା ବ୍ୟକ୍ତିଗତ ଜଙ୍ଗଲ ଅଧିକାର୍ ସ୍ୱୀକୃତି ସିରୋନାମା ମଞ୍ଜୁର୍ ହେଇଥିଲା ବେଲେ ଆଏଜ୍ ୧୧ ଝନ୍‌କୁ ବଂଟାଯାଇଛେ ।

## ଖରିଆର୍ ରୋଡ୍ ମହୋତ୍ସବ୍ ନୂଆପଡ଼ା ସମ୍ବାଦଦାତା

ନୂଆପଡ଼ା ଜିଲ୍ଲା ଖରିଆର୍ ରୋଡ୍ ମହୋତ୍ସବ-୨୦୨୬ ଉଦ୍‌ଘାଟିତ୍ ହେଇଯାଇଛେ । କଳା, ସାହିତ୍ୟ, ସଂସ୍କୃତି ଆଉ ପରମ୍ପରାକେ ଉଜ୍ଜୀବିତ କର୍‌ବାର୍‌ଟା ଇ ମହୋତ୍ସବର ମୁଖିଆ ଉଦ୍ଦେଶ୍ ଆଏ ବଲି ବିଧାୟକ୍ ଜୟଭାଇ ଢୋଲ୍‌କିଆ କହିଛନ୍ । ମହୋତ୍ସବ୍‌ଥି ଭିନ୍ ଭିନ୍ ଜିଲ୍ଲାନୁ କଲାକାର୍‌ମାନେ ନିଜର୍ କଳା ପ୍ରଦର୍ଶନ୍ କରିଛନ୍ ।

ପାଣିପାଗ ଆର୍‌ଏନ୍‌ୟୁ/ ସମ୍ବଲପୁର

ଦକ୍ଷିଣ ପଶ୍ଚିମ ବଙ୍ଗୋପ୍‌ସାଗର୍ ନ ସୃଷ୍ଟି ହେଇଥିବା ଲଘୁଚାପ୍ କ୍ଷେତ୍ର ଇହାଦେ ଫଟିକ୍ ଭାବେ ଜନାପଡୁଛେ । ଇଟା ପଶ୍ଚିମ-ଉତର୍ ପଶ୍ଚିମ୍ ଦିଗ୍‌କେ ଯାଇପାରେ । ଆଏବା ୨୪ ଘଂଟା ଭିତ୍‌ରେ ଲଘୁଚାପ୍ କ୍ଷେତ୍ର ଦକ୍ଷିଣ ପଶ୍ଚିମ ବଙ୍ଗୋପ୍ ସାଗର୍‌ର ଉତର୍-ପୂର୍ବ ଦିଗ୍‌କେ ମୁହେଁଇପାରେ । ଇତାର୍ ପ୍ରଭାବ୍‌ଥି ଆଏଜ୍ ରାଜ୍ୟର୍ କେତେଟା ଜାଗା ନ ସାମାଏନ୍ ବର୍ଷା ହେଇଛେ । ଆଏବା କାଏଲ୍ ରାଜ୍ୟର୍ ୧୮ ଟା ଜିଲ୍ଲା ନ ବର୍ଷା ହେଇପାରେ

ବଲି ଆଂଚଳିକ୍ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ର ତର୍ଫୁ ସତର୍କ ସୂଚ୍ନା ଜାରି କରାଯାଇଛେ ।